# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**30th October - 2024**

**News Editor : *Itishree Singh Rathaur***

**************************************

***Desk***

## ବିପର୍ଯ୍ୟୟ ମୁକାବିଲା ଟିମ୍

ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାପାଇଁ ପ୍ରତି ଗାଁରେ ଗୋଟିଏ ଲେଖାଏଁ ବିପର୍ଯ୍ୟୟ ରେସ୍‌ପନ୍ସ ଟିମ୍ ଗଠନ କରାଯିବ । ଏହାସହ ରାଜ୍ୟରେ ଅତ୍ୟାଧୁନିକ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସରେ ଭୁବନେଶ୍ୱରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଥିବା ୮୪୪ଟି ବାତ୍ୟା-ବନ୍ୟା ଆଶ୍ରୟସ୍ଥଳୀର ଢାଞ୍ଚାକୁ ପରିବର୍ତ୍ତନ କରାଯିବ । ସେହିଭଳି ଓଡ୍ରାଫ୍ ଟିମ୍ ୨୦ରୁ ୩୦କୁ ବୃଦ୍ଧି କରାଯିବ । ଏହାସହ ମିଶନ ଶକ୍ତି ସ୍ୱୟଂସିଦ୍ଧା ଯୋଜନା କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବାତ୍ୟା 'ଦାନା'ର ମୁକାବିଲାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ବିଭିନ୍ନ ବର୍ଗରେ ୧୪୨ ଜଣଙ୍କୁ ପୁରସ୍କୃତ କରିଥିଲେ ।

***Desk***

# ରେଳ ପ୍ରକଳ୍ପ ସମୀକ୍ଷା

ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଗତିଶକ୍ତି କାର୍ଯ୍ୟକ୍ରମ ଅଧୀନରେ ନେଟ୍‌ୱାର୍କ ପ୍ଲାନିଙ୍ଗ୍ ଗ୍ରୁପ୍ - ଏନ୍.ପି.ଜି.ର ୮୨ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶିଳ୍ପ ପ୍ରୋତ୍ସାହନ ଏବଂ ଅଭ୍ୟନ୍ତରୀୟ ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ରାଜୀବ୍ ସିଂହ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାର ଦୁଇଟି ରେଳ ପ୍ରକଳ୍ପର ସମୀକ୍ଷା କରାଯାଇଛି । ଝାରସୁଗୁଡ଼ା-ଶାସନ ଓ ସମ୍ବଲପୁର-ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳଲାଇନ ପ୍ରକଳ୍ପର ସମୀକ୍ଷା ହୋଇଛି । ଏହି ପ୍ରକଳ୍ପ ଦେଶରେ ସାମଗ୍ରୀ ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବା ସହ ବିଭିନ୍ନ ସ୍ଥାନ ମଧ୍ୟରେ ଯାତ୍ରା ସମୟକୁ ହ୍ରାସ କରିବ । ଏଥିସହ ସମ୍ପୃକ୍ତ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

***Desk***

# ବାଚସ୍ପତି ସୁରମା ପାଢ଼ୀ

ଆୟୁର୍ବେଦ ଭାରତର ସର୍ବପୁରାତନ ଚିକିତ୍ସା ପଦ୍ଧତି । ଦେଶରେ ଆୟୁର୍ବେଦର ଲୋକପ୍ରିୟତା ବୃଦ୍ଧି ପାଇବା ସହ ବିଦେଶରେ ମଧ୍ୟ ଏହା ଜନାଦୃତ ହେଉଛି ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି । ଜାପାନ୍‌ର ଟୋକିଓସ୍ଥିତ ଭାରତୀୟ ଦୂତାବାସରେ ଆୟୁର୍ବେଦ ଦିବସ ଉପଲକ୍ଷେ ଶ୍ରୀମତୀ

ପାଢ଼ୀ ନିଜର ବକ୍ତବ୍ୟରେ ଏହା କହିଛନ୍ତି । ସୂଚନା ଅନୁସାରେ, ବାଚସ୍ପତି ଶ୍ରୀମତୀ ପାଢ଼ୀ ୧୪ଦିନିଆ ବିଦେଶଗସ୍ତରେ ଯାଇଛନ୍ତି ।

***Desk***

# ସ୍ୱର୍ଗଦ୍ୱାର - ଗୋବର ଘଷି

ପୁରୀ ସ୍ୱର୍ଗଦ୍ୱାରରେ ଏଣିକି କାଠ ବଦଳରେ ଗୋବର ଘଷିରେ ଶବଦାହ କରାଯିବା ନେଇ ଯୋଜନା ପ୍ରସ୍ତୁତ ହେଉଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ସୂଚନା ଦେଇଛନ୍ତି । ଏନେଇ ସ୍ୱର୍ଗଦ୍ୱାର କମିଟି ବିଭିନ୍ନ ସାମାଜିକ ଅନୁଷ୍ଠାନ, ଗୋଶାଳା କରିଥିବା ବ୍ୟକ୍ତିଙ୍କ ସହ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ । ଜଙ୍ଗଲ କ୍ଷୟ, ପରିବେଶ ପ୍ରଦୂଷଣ ରୋକିବା ଓ ଗୋବଂଶ ବୃଦ୍ଧି ଦିଗରେ ଏହା ସହାୟକ ହେବ । ଗୋସୁରକ୍ଷା ଏବଂ ଗୋବରର ସଦୁପଯୋଗ କ୍ଷେତ୍ରରେ ବିଚାର ବିମର୍ଷ ପାଇଁ ଏକ ୫ ଜଣିଆ କମିଟି ଗଠନ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

***Desk***

# ଜେ.ଇ.ଇ. ମେନ୍

ଦେଶରେ ଥିବା ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖାପାଇଁ ଦୁଇଟି ପର୍ଯ୍ୟାୟରେ ଜେ.ଇ.ଇ. ମେନ୍ ପରୀକ୍ଷା ଅନୁଷ୍ଠିତ ହେବ । ଆସନ୍ତା ଜାନୁୟାରୀ ମାସ ୨୨ରୁ ୩୧ ତାରିଖ ମଧ୍ୟରେ ହେବାକୁ ଥିବା ପ୍ରଥମ

ପର୍ଯ୍ୟାୟ ପରୀକ୍ଷା ପାଇଁ ଅନ୍‌ଲାଇନ୍‌ରେ ଆବେଦନ ଆରମ୍ଭ ହୋଇଛି । ଆଗ୍ରହୀ ଛାତ୍ରଛାତ୍ରୀମାନେ ଆସନ୍ତାମାସ ୨୨ ତାରିଖ ମଧ୍ୟରେ ଏଥିପାଇଁ ଆବେଦନ କରିପାରିବେ । ଓଡ଼ିଆ ସମେତ ଇଂରାଜୀ, ଆସାମୀ, ବେଙ୍ଗଲୀ, ଗୁଜୁରାଟି ଆଦି ୧୨ଟି ଭାଷାରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଦ୍ୱିତୀୟ ପର୍ଯ୍ୟାୟପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବା ନେଇ ସ୍ୱତନ୍ତ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ପକ୍ଷରୁ କୁହାଯାଇଛି ।

***Desk***

## ଜର୍ଣ୍ଣାଲ୍ ଇଣ୍ଡେକ୍ସ

ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ - ଓ.ୟୁ.ଏଚ୍.ଏସ୍. ପ୍ରଥମ ଥରପାଇଁ ମେଡିକାଲ ଜର୍ଣ୍ଣାଲ୍ ଇଣ୍ଡେକ୍ସ ୱେବ୍‌ସାଇଟ୍ ଆରମ୍ଭ କରିବ । ଏମ୍.ବି.ବି.ଏସ୍. ଏବଂ ପି.ଜି. ପାଠ୍ୟକ୍ରମରେ ସଂସ୍କାର ଅଣାଯିବା ସହ ମେଡିକାଲ୍ କଲେଜଗୁଡ଼ିକରେ ଅଧ୍ୟାପକ ସମସ୍ୟା ଥିଲେ ବାହାର କଲେଜର ଅଧ୍ୟାପକ ଅନ୍‌ଲାଇନ୍‌ରେ ଶିକ୍ଷାଦାନ କରିବେ ବୋଲି ଓ.ୟୁ.ଏଚ୍.ଏସ୍. ପକ୍ଷରୁ କୁହାଯାଇଛି ।

***Desk***

## ଦୀପାବଳି - ମାର୍ଗଦର୍ଶିକା

ଦୀପାବଳିରେ ବାଣ ଫୁଟାଇବା ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଏଥିରେ ସନ୍ଧ୍ୟା ୭ଟାରୁ ୯ଟା

ମଧ୍ୟରେ ବାଣ ଫୁଟାଇବା ଲାଗି ଅନୁମତି ମିଳିଛି । ତେବେ କମ୍ ପ୍ରଦୂଷଣଯୁକ୍ତ ଏବଂ ୧୨୫ ଡେସିବଲ୍‌ରୁ କମ୍ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇବାକୁ ପରାମର୍ଶ ଦିଆଯାଇଛି ।

***Desk***

## ସ୍ୱତନ୍ତ୍ର ଟ୍ରେନ୍

କାଳୀପୂଜା ଏବଂ ଛଟ୍‌ପୂଜା ସମୟରେ ଯାତ୍ରୀ ଭିଡ଼କୁ ଦୃଷ୍ଟି ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ ୨୭ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି । ସେଥିମଧ୍ୟରୁ ୧୮ ଯୋଡ଼ା ଟ୍ରେନ୍ ନଭେମ୍ବର ଶେଷ ସପ୍ତାହ ପର୍ଯ୍ୟନ୍ତ ଚଳାଚଳ କରିବ ।

***Desk***

## ବନକଲାଗି

**ପୁରୀ** ଶ୍ରୀମନ୍ଦିରରେ ଆଜି କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବାପରେ ଅପରାହ୍ନ ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ୫ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସେହି ସମୟରେ ଦତ୍ତ ମହାପାତ୍ର ଓ ଦଇତାପତି ସେବକମାନେ ଗୁପ୍ତନୀତି ସମ୍ପାଦନ କରିବେ ବୋଲି ଜଣାପଡ଼ିଛି ।

*Desk*

# ବିଶ୍ୱ ମିତବ୍ୟୟିତା ଦିବସ

ଜନସାଧାରଣଙ୍କୁ ଆର୍ôଥିକ ସୁରକ୍ଷା ଏବଂ ସଞ୍ଚୟର ଗୁରୁତ୍ୱକୁ ନେଇ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ମିତବ୍ୟୟିତା ଦିବସ ପାଳନ କରାଯାଉଛି । ଚଳିତ ବର୍ଷ 'ପିଲାମାନଙ୍କ ମଧ୍ୟରେ ଆର୍ôଥିକ ସାକ୍ଷରତାର ମହତ୍ତ୍ୱ' ଶୀର୍ଷକକୁ ନେଇ ଏହି ଦିବସ ପାଳନ କରାଯାଉଛି ।

ଏହି ଅବସରରେ ରାଜ୍ୟପାଳ ରଘୁବର ଦାସ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇ ତାଙ୍କ ବାର୍ତ୍ତାରେ କହିଛନ୍ତି, ଆୟ ଓ ବ୍ୟୟ ମଧ୍ୟରେ ଯଥାସମ୍ଭବ ସନ୍ତୁଳନ ରକ୍ଷାକରି ଯୋଜନାବଦ୍ଧ ସଞ୍ଚୟ ଏକ ବୃହତ୍ତର ପାଣ୍ଠି ଗଠନ କରିବାରେ ବିଶେଷ ସହାୟକ ହୋଇଥାଏ ।

ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ ସୁରକ୍ଷିତ ଜୀବନ ଯାପନପାଇଁ ଅପବ୍ୟୟ ଓ ଅପଚୟମୁକ୍ତ ଶୃଙ୍ଖଳିତ ଆର୍ôଥିକ ସୁପରିଚାଳନା ଏକାନ୍ତ ଆବଶ୍ୟକ ବୋଲି କହିଛନ୍ତି ।

*****